**ଜିଲ୍ଲାସ୍ତରୀୟ ଗୃହରକ୍ଷୀ ସଂଘର ନୂଆ କର୍ମକର୍ତ୍ତା**

ମାଲକାନଗିରି, (ଡି.ଏନ.ଏ.)-ବୁଟିଗୁଡ଼ାସ୍ଥିତ ଶିବମନ୍ଦିରଠାରେ ମାଲକାନଗିରି ଜିଲା ଗୃହରକ୍ଷୀ ସଂଘ ନୂତନ କର୍ମକର୍ତ୍ତା ଚୟନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ବୈଠକ କରାଯାଇ ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ମାଲକାନଗିରି ଜିଲାର ସମସ୍ତ ଥାନାର ଗୃହରକ୍ଷୀମାନେ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ସଭାପତିଭାବେ କୁଶ ଗୋରଡ଼ା ଓ ଉପ ସଭାପତିରୂପେ ଧନେଶ୍ୱର କମେଡିଙ୍କୁ ଚୟନ କରାଯାଇଥିଲା। ଗୃହରକ୍ଷୀ ପି.କେ. ଅଧିକାରୀ, ଚିନାମ ସୁଭାକାର, ମଞ୍ଜୁ ଖୃତି, ନୀଳକଣ୍ଠ ଖରା, କୈଳାସ ଦୁର୍ଗାଙ୍କୁ ବିଭିନ୍ନ ପଦପଦବୀରେ ଚୟନ କରାଯାଇଛି।

## ସଂକ୍ଷେପରେ

### ପୁଅକୁ ହତ୍ୟାକରି ବାପା ଗିରଫ



କୋରାପୁଟ/ଦାମନଯୋଡ଼ି,୧୬।୫ (ସ୍ୱ.ପ୍ର./ଡି.ଏନ.ଏ.)-କୋରାପୁଟ ବ୍ଲକର ଦାମନଯୋଡ଼ି ଥାନା ଅନ୍ତର୍ଗତ ଆମ୍ବଗାଁରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ନିଶାସକ୍ତ ଅବସ୍ଥାରେ ବାପ ଟାଙ୍ଗିଆ ଚୋଟରେ ପୁଅର ଜୀବନ ଯାଇଛି। ଅଭିଯୁକ୍ତ ବାପା ସମରା ବୁଡିଆଙ୍କୁ ପୋଲିସ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଖବରରୁ ଜଣାପଡିଛି, ଗ୍ରାମର ସମରା ସୋମବାର ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। କୌଣସି କଥାକୁ ନେଇ ପୁଅ ସୁରେନ୍ଦ୍ର(୧୮)ଙ୍କ ସହ ସମରାଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ହଠାତ୍ ଘରେ ଥିବା ଏକ ଟାଙ୍ଗିଆ ଆଣି ପୁଅ ସୁରେନ୍ଦ୍ରଙ୍କୁ ବାରମ୍ବାର ଚୋଟ ମାରିଥିଲେ। ଏଥିରେ ସୁରେନ୍ଦ୍ର ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ସୁରେନ୍ଦ୍ରଙ୍କୁ ନେଇ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦାମନଯୋଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିବା ସହ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ଏନେଇ ଥାନାରେ ଏକ ହତ୍ୟା ମାମଲା (୪୫/୨୩) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ସକାଳେ ଘଟଣାସ୍ଥଳରେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ସମରାଙ୍କୁ ପଚରାଉଚରା କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ଦୀପକ ପଣ୍ଡା କହିଛନ୍ତି।

### ୨୧ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ଜୟପୁର, ୧୬।୫(ନି.ପ୍ର.)- ଜିରୋ ଟୋଲରାନ୍ସ ଡେ ପାଳନ ଅବସରରେ ଜୟପୁର ଟାଉନ ପୋଲିସ ଓ ସଦର ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ଜୟପୁର ସଦର ପୋଲିସ ପକ୍ଷରୁ ବାରିଣିପୁଟରେ ଯାଞ୍ଚ କରାଯାଇ ୨୫ ଜଣଙ୍କଠାରୁ ୨୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୫ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଟାଉନ ପୋଲିସ ପକ୍ଷରୁ ପାୱାର ହାଉସ ଛକରେ ଯାଞ୍ଚ କରାଯାଇ ୩୧ ଜଣଙ୍କ ଠାରୁ ୩୨ ହଜାର ୫ ଶହ ଟଙ୍କା ଆଦାୟ କରାଯିବା ସହ ୬ଟି ଲାଇସେନ୍ସ ରଦ୍ଦ କରାଯାଇଥିବା ଟାଉନ ଓ ସଦର ପୋଲିସ ସୂଚନା ମିଳିଛି।

### ୱାର୍ଡ କମିଟି,ବୁଥ୍ କମିଟି ଗଠନ ନେଇ ପ୍ରସ୍ତୁତି ବୈଠକ

ପୋଟେରୁ, ୧୬।୫ (ଡି.ଏନ୍.ଏ.)- ମାଲକାନଗିରି ଜିଲା ବିଜେଡି ପକ୍ଷରୁ କାଲିମେଲା ବ୍ଲକ ଜିଲା ପରିଷଦର ଜୋନ୍-୩ ପୋଟେରୁ ବନାଞ୍ଚଳ ନର୍ସରିଠାରେ ଜିଲା ଉପଦେଷ୍ଟା ତଥା ଜୋନ୍-୩ ସଂଯୋଜକ ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ୱାର୍ଡ କମିଟି,ବୁଥ୍ କମିଟି ଗଠନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ପଞ୍ଚାୟତର ପଞ୍ଚାୟତ ସଭାପତି ଓ ଦଳର ସକ୍ରିୟ କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ୱାର୍ଡ କମିଟି,ବୁଥ୍ କମିଟି ଗଠନ ନେଇ ଆଲୋଚନା କରିଥିଲେ। ସହ ପର୍ଯ୍ୟବେକ୍ଷକ ସାମୁଏଲ୍ ନାୟକ, ଆଇନଜୀବୀ ସାମୁଖ୍ୟ ସଭାପତି ତଥା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, କାଲିମେଲା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, କାଲିମେଲା ଏମ୍ପି ପ୍ରତିନିଧି ଇ.ଭେଙ୍କେଟ ରାଓ ,କାଲିମେଲା ବ୍ଲକ ଯୁବ ଜନତା ସଭାପତି ମିରିକଙ୍କ ମଣ୍ଡଳ, ଛାତ୍ର ସଭାପତି ସଞ୍ଜୁ ସରକାର, ଜିଲା ଯୁବ ଉପସଭାପତି ଅଜିତ୍ ଖୋସଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଲକାନଗିରିରେ ନାଗପୁର ପୋଲିସ

## ୨ ଫେରାର ଅଭିଯୁକ୍ତଙ୍କ ଘରେ ଲାଗିଲା ପଳାତକ ନୋଟିସ

ମାଲକାନଗିରି, ୧୬।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ତଣ୍ଡାପାଲି ଗ୍ରାମର ମନୋଜ ମାଡକାମିଙ୍କ ନାମରେ ନାଗପୁର ସହର କାଲମାନା ଥାନାରେ ଏନଡିପିଏସ୍ ମାମଲା ରହିଥିଲା। ନାଗପୁର ପୋଲିସ ତାଙ୍କୁ ଖୋଜୁଥିବା ବେଳେ ସେ ଦୀର୍ଘ ଦିନ ହେଲା ଫେରାର ରହିଛନ୍ତି। ମନୋଙ୍କୁ ବାରମ୍ବାର ନୋଟିସ ଜାରି ପରେ ମଧ୍ୟ ସେ ଫେରାର ଥିବାରୁ ନାଗପୁର କୋର୍ଟଙ୍କ ନିର୍ଦ୍ଦେଶରେ ନାଗପୁର ପୋଲିସ ମଙ୍ଗଳବାର ମାଲକାନଗିରି ପୋଲିସ ସହାୟତାରେ ମନୋଜଙ୍କ ଗ୍ରାମରେ ପହଞ୍ଚି ତା ଘର ସମ୍ମୁଖରେ ନୋଟିସ ମାରିଛି। ତାଙ୍କୁ କୋର୍ଟରେ ହାଜର ହେବା ପାଇଁ ନୋଟିସ୍‌ରେ କୁହାଯାଇଛି। ସେହିପରି ଅନ୍ୟ ଏକ ମାମଲାରେ ମାଲକାନଗିରି ଥାନା ଅନ୍ତର୍ଗତ ପୂଜାରିମୁଣ୍ଡା ଗ୍ରାମର ଅଭିଯୁକ୍ତ ରାମ ଗେଡ(୫୩)ଙ୍କ ଘର ସମ୍ମୁଖରେ ମାଲକାନଗିରି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ପୋଲିସ ଡେଙ୍ଗରା ପିଟି ପଳାତକ ନୋଟିସ ଲଗାଇଛି। ଅଭିଯୁକ୍ତ ରାମ ତାଙ୍କ ନାମରେ ମାମଲା ଥାଇ ସୁଦ୍ଧା ସେ କୋର୍ଟରେ ହାଜର ହେଉନାହାନ୍ତି। ଆଗାମୀ ଦିନରେ ନୋଟିସ୍‌ରେ ଧାର୍ଯ୍ୟ ତାରିଖରେ କୋର୍ଟରେ ହାଜର ନହେଲେ ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।



ନାଗପୁର ଓ ମାଲକାନଗିରି ପୋଲିସ ମାରିଥିବା ନୋଟିସ।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳିତ



ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଭଞ୍ଜଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ମାଲକାନଗିର, ୧୬।୫(ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ମାଲକାନଗିରି ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ ସଭାପତି ଡ. ରଞ୍ଜନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଗୋଲକ ଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ରୂପେ ସଂଘ ସଭାପତି ବାଲାରାଜୁ ପାଢୀ ଯୋଗ ଦେଇଥିଲେ। ଅତିଥିମାନେ ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ, ତାଙ୍କ କାବ୍ୟକୃତୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସଦସ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରୁ ଖୋଲିଲା ତାଲା

## ଧରିତ୍ରୀ ପ୍ରଭାବ

ସୁନାବେଡା, ୧୬।୫ (ସ୍ୱ.ପ୍ର.)

ସୁନାବେଡ଼ା ପୌର ପରିଷଦ ଦ୍ୱାରା ୨୦୧୬ରେ ୧୭ଲକ୍ଷ ୬୪ହଜାର ଟଙ୍କା ବ୍ୟୟରେ ଏଇଏଫ୍ ମାର୍କେଟଠାରୁ ହାଉସିଂ ବୋର୍ଡ ଯିବା ରାସ୍ତା ପାର୍ଶ୍ୱରେ ଏକ ମିନି କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିଲା। ଏହାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏକ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କରିବାକୁ ପ୍ରସ୍ତାବ ଦେବାରୁ ପୌର ପରିଷଦ ମଣ୍ଡପଟିକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିଥିଲା। ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇ ଜଣେ ଡାକ୍ତରଙ୍କୁ ନିୟୋଜିତ କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଖୋଲୁ ନ ଥିଲା। ସେଠାରେ ତାଲା ଝୁଲୁଥିଲା। ତେବେ ପ୍ରତ୍ୟହ ଏଠାରେ ୨୦/୩୦ ରୋଗୀ ଚିକିତ୍ସିତ ହେଉଥିବା କାଗଜପତ୍ରରେ ଦର୍ଶାଯାଉଥିଲା। ଏନେଇ ଗତ ୫ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗତ ରବିବାର ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଲା ଖୋଲାଯାଇ ରୋଗୀ ସେବା ଆରମ୍ଭ ହୋଇଛି। ମଙ୍ଗଳବାର ସୁଦ୍ଧା ଏଠାରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିବା ଡାକ୍ତର ଜ୍ୟୋତି ପ୍ରକାଶ ଗିରି କହିଛନ୍ତି। ଆଗାମୀ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରୋଗୀମାନଙ୍କ ପାଇଁ ଯୋଗ କାର୍ଯ୍ୟକ୍ରମ କରାଯିବା ସହ ଏଠାରେ ଫିଜିଓଥେରାପି ସୁବିଧା ଉପଲବ୍ଧ ହେବ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ, ଲାବ୍ ଟେକ୍‌ନିସିଆନ, ନର୍ସିଂ ଅଫିସର, ଆଟେଣ୍ଡାଣ୍ଟ, ସିକ୍ୟୁରିଟି ସହ ଜଣେ ସୁଇପରଙ୍କୁ ସ୍ୱାସ୍ଥ୍ୟ ବିଭାଗ ନିଯୁକ୍ତି ଦେଇଛି। ସୂଚନାଯୋଗ୍ୟ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପୁରୁଣା ସୁନାବେଡ଼ା, ଡ୍ରାଇଭର କଲୋନି, ହାଉସିଂ ବୋର୍ଡ, ଗଞ୍ଜାମ କଲୋନି ଓ ଏହାର ଆଖପାଖ ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ।



ଡାକ୍ତରଖାନାରେ ଜଣେ ରୋଗୀ ଚିକିତ୍ସିତ ହେଉଛନ୍ତି।

# ବିଡିଓଙ୍କ ବଦଳିକୁ ନେଇ ମୁହଁ ଖୋଲିଲେ ବ୍ଲକ ଅଧ୍ୟକ୍ଷା

ପଟ୍ଟାଙ୍ଗି,୧୬।୫(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ କାର୍ଯ୍ୟରତ ବିଡିଓ ସୌମ୍ୟସାର୍ଥକ ମିଶ୍ରଙ୍କ କୋରାପୁଟ ବଦଳି ହୋଇଥିଲେ ମଧ୍ୟ ସେ ଏଯାଏ ପଟ୍ଟାଙ୍ଗି ବ୍ଲକରୁ ରିଲିଭ୍ ହୋଇ ସେଠାକୁ ଯାଇ ନ ଥିବା ନେଇ ସୋମବାର ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ ମୁହଁ ଖୋଲିଛନ୍ତି। କାହିଁକି ବିଡିଓଙ୍କୁ ରିଲିଭ କରାଯାଉନାହିଁ ବୋଲି ସେ ଜିଲାପାଳ ଅବଦାଲ ଏମ୍ . ଅଖତାରଙ୍କଠାରୁ ଜାଣିବାକୁ ଚାହିଁଛନ୍ତି। ଏଠାରେ ବିଡିଓ ମିଶ୍ର ନିଜ ମନ ମୁତାବକ କାର୍ଯ୍ୟ କରିବା ସହ ନିର୍ବାଚିତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ କୌଣସି ବିଷୟ ନ ଜଣାଇବା ଏବଂ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଗତ ଫେବୃୟାରୀ ୫ରେ ଜିଲା ଗସ୍ତରେ ଆସିଥିବା ୫-ଟି ସଚିବଙ୍କୁ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଏକାଠି ହୋଇ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ମିଶ୍ରଙ୍କୁ ବିଡିଓ ଭାବେ ଅନ୍ୟତ୍ର ବଦଳି କରିବା ପରିବର୍ତ୍ତେ ତାଙ୍କୁ ପଦୋନ୍ନତି ଦେଇ ଜିଲାର ପିଏ ଆଇଟିଡିଏ ଭାବେ ବଦଳି କରାଯାଇଥିଲା। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଡିଓଙ୍କୁ ତାଙ୍କ ବଦଳି ଜାଗାକୁ ରିଲିଭ କରାଯାଇନାହିଁ। ବିଡିଓ ପୂର୍ବପରି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷା ଅଭିଯୋଗ ଉଠାଇଛନ୍ତି। ଗତ କିଛିଦିନ ତଳେ ବ୍ଲକ କାର୍ଯ୍ୟାଳୟରେ ୨୧ଟି ପ୍ରକଳ୍ପକୁ ନେଇ ଟେଣ୍ଡର ହୋଇଥିଲେ ମଧ୍ୟ ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ରୂପେ ତାଙ୍କୁ କିଛି ଅବଗତ କରାଯାଇନାହିଁ। ବିଡିଓଙ୍କୁ ସହଯୋଗ କରୁଥିବା ଠିକାଦାରମାନଙ୍କୁ ଏହି ଟେଣ୍ଡର ପ୍ରଦାନ କରାଯାଇଛି। ତାହା ପୁଣି ବିନା କୌଣସି ବିଜ୍ଞପ୍ତିରେ ଠିକାଦାରମାନେ ହାତେଇଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷା ପ୍ରକାଶ କରିଛନ୍ତି। ସେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ବିଡିଓ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ମୋ ରିଲିଭର ଆସିନାହାନ୍ତି। ସେ ଆସିଲେ ମୁଁ କୋରାପୁଟ ଚାଲିଯିବି। ବିନା ଟେଣ୍ଡରରେ ୨୧ ପ୍ରକଳ୍ପ ଠିକାଦାରମାନଙ୍କୁ ପ୍ରଦାନ ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ,ଏହା ଇ- ଟେଣ୍ଡର ହୋଇଛି। ଏନେଇ ବ୍ଲକ ଅଧ୍ୟକ୍ଷାଙ୍କୁ ଜଣାଇବା ଆବଶ୍ୟକ ନାହିଁ।

# ବ୍ଲକ ଅମଲା ସଂଘ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କର୍ମଚାରୀମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ।

ନନ୍ଦପୁର, ୧୬।୫ (ଡି.ଏନ.ଏ.)

ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି ଅନୁସାରେ ମଙ୍ଗଳବାର ନନ୍ଦପୁର ବ୍ଲକରେ କାର୍ଯ୍ୟରତ ଅମଲାସଂଘ କର୍ମଚାରୀମାନେ ମିଳିତ ହୋଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବିଡିଓ ସୁଜିତ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ରାଜ୍ୟ ସରକାରଙ୍କ ଓଆରଏସସି ନିୟମ-୨୦୧୭ ଲାଗୁକରି ଲେଭେଲ ୪ରୁ୯ ପର୍ଯ୍ୟନ୍ତ କାର୍ଯ୍ୟରତ କର୍ମଚାରୀଙ୍କ ମୂଳଦରମା ବୃଦ୍ଧି କରିବାକୁ ଉଲ୍ଲେଖ କରିଛନ୍ତି। ଦାବିପୂରଣ ନ ହେଲ ଆସନ୍ତା ୨୧ରୁ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିବେ। ଏହା ସତ୍ତ୍ୱେ ସରକାରଙ୍କ ଦାବି ପୂରଣ ନ କଲେ ନହେଲେ ଜୁନ ୧ରୁ ସାମୁହିକ ଛୁଟିରେ ରହି କାର୍ଯ୍ୟକ୍ଷେତ୍ରରେ ଅସହଯୋଗ କରିବେ ବୋଲି ଦାବିପତ୍ରରେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କାର୍ଯ୍ୟାଳୟର ବିନାୟକ ସାହୁ, କୋଷାଧ୍ୟକ୍ଷ ପିକେ ନାୟକ, ଜେ. ଏଚକେ ଦୋରା, ବିଥିକା ମହାନ୍ତି, ବାବୁଲା ସେଠୀ, ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ମିଶ୍ର ଏହି ଦାବିପତ୍ରକୁ ସେ ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି।

# ମିଶନ ଶକ୍ତି କ୍ୟାଣ୍ଟିନ ଉଦ୍‌ଘାଟନକୁ ନେଇ ବିବାଦ

- ତରବରିଆ ଭାବେ ବିଡିଓ, ବିଏଲ୍‌ସି ଉଦ୍‌ଘାଟନ କାର୍ଯ୍ୟକ୍ରମ କରିଥିଲେ
- ତାଲିମପ୍ରାପ୍ତ ଏସ୍‌ଏଚ୍‌ଜିଙ୍କୁ ମିଳିଲାନି କ୍ୟାଣ୍ଟିନ ଦାୟିତ୍ୱ
- ବିଡିଓଙ୍କ ଉପରେ ବର୍ଷିଲେ ଜିଲାପାଳ

ପଟ୍ଟାଙ୍ଗି,୧୬।୫(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମ ନିକଟରେ ନିର୍ମିତ ମିଶନ ଶକ୍ତି କ୍ୟାଣ୍ଟିନକୁ ନେଇ ଦେଖାଦେଇଛି ବିବାଦ। ଏନେଇ ଅଭିଯୋଗ ଜିଲାପାଳ ଅବଦାଲ ଏମ୍.ଅଖତାରଙ୍କ ନିକଟରେ ପହଞ୍ଚିଛି। ବ୍ଲକ ପ୍ରଶାସନ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ ନିକଟରେ ଏହି ମିଶନ ଶକ୍ତି କ୍ୟାଣ୍ଟିନ ନିର୍ମାଣ ହୋଇଥିଲା। ଉକ୍ତ କ୍ୟାଣ୍ଟିନ କାର୍ଯ୍ୟକ୍ଷମ ପୂର୍ବରୁ ଓଏଲ୍ଏମ୍ ପକ୍ଷରୁ ମାଁ ଘଣ୍ଟେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ କୋରାପୁଟରେ ଗତ ଜାନୁୟାରୀ ୫ରୁ ୭ ପର୍ଯ୍ୟନ୍ତ ୩ ଦିନ ଧରି କ୍ୟାଣ୍ଟିନ ମ୍ୟାନେଜମେଣ୍ଟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଉକ୍ତ ସଦସ୍ୟମାନେ ତାଲିମ ନେଇ ଫେରିବା ପୂର୍ବରୁ ବିଡିଓ ସୌମ୍ୟ ସାଥକ ମିଶ୍ର ଏବଂ ଓଏଲ୍ଏମ୍‌ର ବିଏଲ୍‌ସି ରାତିଅଧିଆ ଅନ୍ୟ ଏକ ଖୁସି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ଉକ୍ତ କ୍ୟାଣ୍ଟିନ ହସ୍ତାନ୍ତର କରିଛନ୍ତି। ଜିଲାରୁ ତାଲିମ ନେଇ ଫେରିଥିବା ମାଁ ଘଣ୍ଟେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗୁରୁତର ସହ ନେଇ ଜିଲାପାଳ ଅଖତାର ବିଡିଓ ମିଶ୍ରଙ୍କ ଉପରେ ବିରକ୍ତି ପ୍ରକାଶ କରି ନିଜ ମନ ଇଚ୍ଛା କାହିଁକି କାମ କରୁଛ ବୋଲି ପଚାରି ତୁରନ୍ତ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ୁଛି। ଏଠାରେ ସୂଚନାଯୋଗ୍ୟ, ଉକ୍ତ କ୍ୟାଣ୍ଟିନ ଗତ ୭ ତାରିଖରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ନିମନ୍ତ୍ରଣକରି ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନ ପରଠାରୁ ଏହା ବିବାଦ ଘେରରେ ରହିଛି। ତାଲିମ ନେଇ ଆସିଥିବା ଏସ୍ଏଚ୍‌ଜିକୁ ଏହା ହସ୍ତାନ୍ତର ନ କରି ବିଡିଓ ଏକ ଅଣ ତାଲିମପ୍ରାପ୍ତ ଏସ୍ଏଚ୍‌ଜିକୁ ହସ୍ତାନ୍ତର କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୨ ଗିରଫ, ୬ ଗାଡ଼ି ଜବତ

## ବାଇକ ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ

କୋରାପୁଟ,୧୬।୫(ସ୍ୱ.ପ୍ର .)

କୋରାପୁଟ ସହରରୁ ମଙ୍ଗଳବାର ୨ ଜଣିଆ ଆନ୍ତଃଜିଲା ବାଇକ୍ ଚୋରି ରାକେଟ୍‌କୁ ପୋଲିସ ଧରିବାରେ ସଫଳ ହୋଇଛି। ଉଭୟଙ୍କୁ ଟାଉନ ଥାନା ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୬ଟି ବାଇକ୍ ଜବତ ହୋଇଛି। ଗିରଫ ୨ ଅଭିଯୁକ୍ତ ହେଲେ ପୂଜାରିପୁଟ ଅଞ୍ଚଳର ହରେକୃଷ୍ଣ ପାଣିଗ୍ରାହୀଙ୍କ ପୁଅ ଅଜିତ(୩୦) ଓ କନକ ବଡେଇଙ୍କ ପୁଅ ଚନ୍ଦନ (୨୧)। ଏମାନେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ମନୋଜ ପୂଜାହାରୀ ଓ ଆଇଆଇସି ଧୀରେନ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟଙ୍କ ନାମରେ ପୂର୍ବରୁ ୪ଟି ଲେଖାଏ ଚୋରି, ଡକାୟତି ଓ ଗାଡ଼ି ଚୋରି ମାମଲା ରହିଛି। ସେମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ପୋଲିସ ତଦନ୍ତ ଜାରି ରହିଛି। ନିକଟରେ ମାଥିଲି ଅଞ୍ଚଳର ଧନ ପୂଜାରୀଙ୍କ ବାଇକ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରୁ ଚୋରି ହେବା ପରେ ସେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଏହାର ତଦନ୍ତକରି ଅଜିତ୍ ଓ ଚନ୍ଦନଙ୍କ ଏଥିରେ ସମ୍ପୃକ୍ତି ଥିବା ଜାଣି ଉଭୟଙ୍କୁ କୌଶଳକ୍ରମେ ଗିରଫ କରିଥିଲା। ଉଭୟେ ଗାଡି ଚୋରି କରିବା ପରେ ଜୟପୁର , ନବରଙ୍ଗପୁର ଜିଲାରେ ଏହାକୁ ବିକ୍ରୟ କରୁଥିଲେ। ତେବେ ସେମାନେ କାହାକୁ କାହାକୁ କେତୋଟି ବାଇକ୍ ବିକ୍ରୟ କରିଛନ୍ତି ତା'ର ତଦନ୍ତ କରାଯିବ। ସେମାନଙ୍କୁ ରିମାଣ୍ଡରରେ ଆଣି ପଚରାଉଚରା କରାଯିବ ବୋଲି ଏସ୍‌ଡିପିଓ ମନୋଜ ପୂଜାରୀ କହିଛନ୍ତି।

# ସମସ୍ତେ ନିଜ କାର୍ଯ୍ୟ ସୁଚାରୁରୂପେ କରିବା ନେଇ ଗୁରୁତ୍ୱ

## ଜାତୀୟ ଡେଙ୍ଗୁ ଦିବସ ପାଳିତ

ମାଲକାନଗିରି,୧୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ମଙ୍ଗଳବାର ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ନିଜ କାର୍ଯ୍ୟ ସୁଚାରୁରୂପେ କଲେ ଡେଙ୍ଗୁ ରୋଗକୁ ଦୂରକରାଯାଇପାରିବ। ଯେଉଁ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଉତ୍କୃଷ୍ଟ କାମ କରିବେ ତାଙ୍କୁ ଆଗାମୀ ଦିନରେ ପୁରସ୍କୃତ କରାଯିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ରୂପେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ମହାପାତ୍ର ଓ ଡା. ଅନିଲ ମିଶ୍ର ଉପସ୍ଥିତ ରହି ଡେଙ୍ଗୁ ନିରାକରଣର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ୮ତମ ଜାତୀୟ ଡେଙ୍ଗୁ ଦିବସରେ ସ୍ଲୋଗାନ ଥିଲା 'ଦୃଢ଼ତାର ସହିତ ସହଭାଗିତା ରଖି ଡେଙ୍ଗୁକୁ ପ୍ରତିହତ କରିବା' ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୂଚନାଯୋଗ୍ୟ, ଜିଲାରେ ୨୦୨୧ରେ ୨୬୯୮ଜଣଙ୍କ ରକ୍ତପରୀକ୍ଷା କରାଯାଇ ୩୩୬ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେହିପରି ୨୦୨୨ରେ ୫୩୦୯ ଜଣଙ୍କ ପରୀକ୍ଷା କରାଯାଇ ୩୫୯ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଚଳିତ ବର୍ଷ ୨୦୨୩ରେ ବର୍ତ୍ତମାନ ପର୍ଯ୍ୟନ୍ତ ୫୮୫ ଜଣଙ୍କର ରକ୍ତ ପରୀକ୍ଷା ହୋଇ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟହୋଇ ନ ଥିବା ଜଣାପଡିଛି। ସେହିପରି ଜିଲା ମଶାବାହିତ ରୋଗ ପରାମର୍ଶଦାତା ଅଜିତ ଦଲାଇ ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀମାନଙ୍କ କାର୍ଯ୍ୟ ପ୍ରଣାଳୀ କ'ଣ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ମଶା ବାହିତ ରୋଗ ବିଶେଷଜ୍ଞ ବିକାଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ମାଲକାନଗିରି ପୌର ପରିଷଦର ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ।

# ନନ୍ଦପୁରରେ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ନନ୍ଦପୁର ୧୬।୫ (ଡି.ଏନ.ଏ.)

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଡିଓ ସୁଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନନ୍ଦପୁର ବ୍ଲକ ଅଞ୍ଚଳର ୩୬ ଜଣ ଶିକ୍ଷିତ ଯୁବତୀଯୁବକ ଯୋଗଦେଇ ନିଯୁକ୍ତି ତଥା ତାଲିମ ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆସିଥିବା ସେଣ୍ଟ୍ରାଲ ଇନିଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ସଂସ୍ଥାରେ ତାଲିମ ନେବା ପାଇଁ ବ୍ୟବସ୍ଥା କରାଯିବ। ସଂସ୍ଥା ପକ୍ଷରୁ ଯୁବତୀଯୁବକଙ୍କ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ସହ କରାଯିବ। ତାଲିମ ପରେ ସେହି ସଂସ୍ଥାରେ ହିଁ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ବିଡିଓ ମିଶ୍ର ସୂଚନା ଦେଇଛନ୍ତି। ଜିଲା ଦକ୍ଷତା ବିକାଶ ସଂଯୋଜକ ପ୍ରଶାନ୍ତ ଛତର, ବିଏଲସି ବିକ୍ରମ କେଶରୀ ବାରିକ ଉପସ୍ଥିତ ଥିଲେ।

# ବାଞ୍ଜିଗୁଡାକୁ ହରାଇ କୁନାନପଲ୍ଲି ବିଜୟୀ

## କୁନାନପଲ୍ଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଏମ୍‌ଭି ୭୯,୧୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ କୁନାନପଲ୍ଲିଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଯାପନୀ ମ୍ୟାଚ ଆୟୋଜକ କୁନାନପଲ୍ଲି ଓ ବାଞ୍ଜିଗୁଡା ଟିମ୍ ମଧ୍ୟରେ ହୋଇଥିଲା। କୁନାନପଲ୍ଲି ଟସ୍ ଜିତି ବାଞ୍ଜିଗୁଡା କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ବାଞ୍ଜିଗୁଡା ପ୍ରଥମେ ବ୍ୟାଟିଂ କରି ୧୨ ଓଭରେ ୪୭ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଟିଂ କୁନାନପଲ୍ଲି ୫ ଓଭରରେ ଧାର୍ଯ୍ୟ ରନ୍ ସଂଗ୍ରହ କରି ମ୍ୟାଚ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁବାସିନୀ ସୋଡି ଓ ଭୁବନପଲ୍ଲି ସରପଞ୍ଚ ପୁଷ୍ପାଞ୍ଜଳି ମାଡକାମୀ ଯୋଗ ଦେଇ ବିଜେତା ଦଳକୁ ୧୪ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ପରାଜିତ ଦଳକୁ ମଧ୍ୟ ୯ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ବହୁ କ୍ରିକେଟ ପ୍ରେମୀଙ୍କ ଭିଡ ଜମିଥିଲା।



ଅତିଥିଙ୍କ ସହ ଖେଳାଳିମାନେ।

# ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଲେ କୁନ୍ଦୁରାବାସୀ

## ଉଦଲଗୁଡ଼ାରେ ଛାତ୍ରାବାସ, କଦମ୍ବଗୁଡ଼ା ବିଦ୍ୟାଳୟରେ ନାମଲେଖା ଦାବି

କୋରାପୁଟ,୧୬।୫(ସ୍ୱ.ପ୍ର.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଅସନା ପଞ୍ଚାୟତର ଉଦଲଗୁଡ଼ା ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରାବାସ ଓ କଦମ୍ବଗୁଡାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅଞ୍ଚଳବାସୀ ମଙ୍ଗଳବାର କୋରାପୁଟ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଭେଟି ଦାବି କରିଛନ୍ତି। ଏହି ଅବସରରେ ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଜଣାଇଛନ୍ତି, ଉଦଲଗୁଡ଼ା ଉଚ୍ଚ ବିଦ୍ୟାଳୟର ପିଲା ସଂଖ୍ୟା ୪୮୫ ଥିବା ବେଳେ ସେଥିରୁ ହରିଜନ ୫୯ ଓ ଆଦିବାସୀ ୨୪୫ ଜଣ ରହିଛନ୍ତି । କଦମ୍ବବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ସଂଖ୍ୟା ୪୨ ରହିଛି । ଆସନା ପଞ୍ଚାୟତ ଏକ ଆଦିବାସୀ ବହୁଳ ଅଞ୍ଚଳ। ମାତ୍ର ଅବିଭକ୍ତ ଆସନା ପଞ୍ଚାୟତର ଫୁଲଭଟ୍ଟା ଗ୍ରାମରେ ଏକମାତ୍ର ଉଚ୍ଚ ବିଦ୍ୟାଳୟ ରହିଛି । ଅସନା କେରମେଟି, ଫୁଲଭଟ୍ଟା ୩ଟି ପଞ୍ଚାୟତର ପଢୁଥିବା ପିଲାଙ୍କ ପାଇଁ ଛାତ୍ରାବାସ ବ୍ୟବସ୍ଥା ନାହିଁ। ଫଳରେ ବିଦ୍ୟାଳୟ ଦୂର ହେଉଥିବାରୁ ଛାତ୍ରୀଛାତ୍ରମାନେ ସେଠାରେ ପଢି ନ ପାରି ଅଧାରୁ ପାଠ ଛାଡିବାକୁ ବାଧ୍ୟ ହେଉଛନ୍ତି । ତେଣୁ ଆସନା ସ୍ଥିତ ଉଦଲଗୁଡ଼ା ଉଚ୍ଚ ବିଦ୍ୟାଳୟ ଓ କେରମେଟି ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରାବାସ ବ୍ୟବସ୍ଥା କରାଯିବାକୁ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି କଦମ୍ବଗୁଡ଼ାଠାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ନାମ ଲେଖାଇବା ନିମନ୍ତେ ଅନୁମତି ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ରରେ ନିବେଦନ କରିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ନାହାକଙ୍କୁ ପଚାରିବାରୁ ସେ କହିଲେ, ଏନେଇ ସେ ଶିକ୍ଷା ବିଭାଗ ସହିତ ଆଲୋଚନା କରିବେ। ସରକାରଙ୍କ ବିଧି ବ୍ୟବସ୍ଥା ଭିତରେ ଥିଲେ ନିଶ୍ଚିତ କରାଯିବ।



ଜିଲା ଶିକ୍ଷାଧିକାରୀଙ୍କୁ ଅଞ୍ଚଳବାସୀ ଦାବିପତ୍ର ଦେଉଛନ୍ତି।

## ସଂକ୍ଷେପରେ

### ଘରୋଇ ହିଂସା ଅଭିଯୋଗରେ ସ୍ୱାମୀ ଗିରଫ


ଅଭିଯୁକ୍ତ ବିଭାସ ।

ଉମରକୋଟ, ୧୬।୫(ସ୍ୱ.ପ୍ର.) ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଉମରକୋଟ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁନାବେଡ଼ା ପଞ୍ଚାୟତ ଯୁଭି ୧୦ ନମ୍ବର ଗ୍ରାମର ବିଭାସ ଦାସ(୩୦)। ବିଭାସ ୭ ବର୍ଷ ତଳେ ପ୍ରୀତି ବୈଦ (୨୪)ଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ୩ବର୍ଷର ପୁଅଟିଏ ଅଛନ୍ତି। ସବୁ ଠିକ୍‌ଠାକ୍ ଚାଲିଥିବାବେଳେ ବର୍ଷେ ହେବ କୌଣସି କାରଣରୁ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହକରି ବିଭାସ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ୧୩ ତାରିଖ ରାତିରେ ପ୍ରୀତି ଶୋଇଥିବା ବେଳେ ରାତି ପ୍ରାୟ ୧.୩୦ ମିନିଟ୍ ସମୟରେ ବିଭାସ ତାଙ୍କୁ ନିଦରୁ ଉଠାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଚେଷ୍ଟା କରିଥିଲେ। ବିଭାସ ପ୍ରଥମେ ପ୍ରୀତଙ୍କ ତଣ୍ଟି ଚିପି ଦେଇଥିଲେ। ପରେ ପ୍ରୀତିଙ୍କ ଜିଭକୁ ଉପାଡ଼ିବାକୁ ଚେଷ୍ଟା କରିଥିଲେ। ପ୍ରୀତି ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ବିଭାସ ତାଙ୍କ ଥୋଡ଼ିକୁ କାମୁଡ଼ି ଦେଇଥିଲେ। ବର୍ତ୍ତମାନ ପ୍ରୀତି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପ୍ରୀତି ଉମରକୋଟ ଥାନାରେ ଶାଶୁ ମମତା, ସ୍ୱାମୀ ବିଭାସଙ୍କ ନାମରେ ଶାରୀରିକ,ମାନସିକ ଓ ଜୀବନରେ ମାରିଦେବା ଧମକ ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଭାସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଉମରକୋଟ ଥାନାରେ କେସ୍ ନ.୧୦୫/୨୩ରେ ମାମଲା ରୁଜୁ କରାଯାଇଛି। ପୋଲିସ ସବ୍‌ଇନ୍ସପେକ୍ଟର ସୌମେନ୍ଦ୍ର ସେଠ ଘଟଣାର ତଦନ୍ତ କରୁଛନ୍ତି।

### କୁଡୁମୁଲୁଗୁମ୍ମାରେ ଜାତୀୟ ଡେଙ୍ଗୁ ଦିବସ

କୁଡୁମୁଲୁଗୁମ୍ମା,୧୬।୫(ଡି.ଏନ୍.ଏ.)- ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରର ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶାକର୍ମୀ ମାନେ କିପରି ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କୁ ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରିବେ ସେ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ ଷଡଙ୍ଗୀ, ଫାର୍ମାସିଷ୍ଟ ସଞ୍ଜୟ ପୁଷ୍ଟି , ଏଲଟି ପଦ୍ମ ଚରଣ ପଣ୍ଡା, ବିପିଏମ ପ୍ରଦୀପ ମୋହନ ଗୌଡ଼ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୨ ନିଖୋଜ ନାବାଳିକା ଉଦ୍ଧାର

ଜୟପୁର, ୧୬।୫ (ନି.ପ୍ର.)- ଦୁଇଜଣ ନିଖୋଜ ନାବାଳିକାଙ୍କୁ ଜୟପୁର ଟାଉନଥାନା ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ଉଭୟେ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜଣେ ନାବାଳିକାଙ୍କୁ ଜୟପୁର ବସଷ୍ଟାଣ୍ଡରୁ ଏବଂ ଅନ୍ୟ ଜଣେ ନାବାଳିକାଙ୍କୁ ବାଇପାସ ରୋଡ଼ରୁ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ସମ୍ପିତ ବେହେରା କହିଛନ୍ତି।

### ପୋଲିସ କବ୍‌ଜାରେ ମୁଖ୍ୟ ଅଭିଯୁକ୍ତ

#### ବସ୍ ହକରଙ୍କୁ ହତ୍ୟା ଘଟଣା

ବ୍ରହ୍ମପୁର ଅଫିସ,୧୬।୫-ବଡବଜାର ଥାନା ଅନ୍ତର୍ଗତ ପାଷ୍ଟଗେଟ୍ ଡୁଡୁମା କଲୋନୀ ନିକଟ ଆଚାର୍ଯ୍ୟ ବିହାର ଅଞ୍ଚଳରେ ଗତ ୬ ତାରିଖ ରାତିରେ ସନାତନ ଚୌଧୁରୀ ନାମକ ଜଣେ ବସ୍ ହକରଙ୍କୁ ହତ୍ୟା କରାଯାଇଥିଲା। ସନାତନଙ୍କୁ ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ତେବେ ଘଟଣାର ୧୦ଦିନ ପରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ବାହାର ରାଜ୍ୟରୁ କାବୁ କରିଥିବା ସୂଚନା ମିଳିଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଏହାକୁ ଯଥାସମ୍ଭବ ଗୋପନ ରଖିଛି। ଅନ୍ୟ କେତେଜଣ ଅଭିଯୁକ୍ତ ମଧ ପୋଲିସ କବ୍‌ଜାରେ ଥିବା ଜଣାପଡ଼ିଛି । ଖୁବଶୀଘ୍ର ଏହି ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ ହେବ ବୋଲି ଆଶା କରାଯାଉଛି।

# ଦୁର୍ବଳ ନଦୀବନ୍ଧ ଚିହ୍ନଟକରି ମରାମତି ନିର୍ଦ୍ଦେଶ

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା, ପରିଚାଳନା ପ୍ରସ୍ତୁତି ବୈଠକ**

ନବରଙ୍ଗପୁର, ୧୬।୫(ବି.ପ୍ର.)


ଅତିଥିମାନେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସଭାଗୃହରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶମନ ଓ ପରିଚାଳନା(ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟାର ସଫଳ ମୁକାବିଲା କିପରି କରାଯାଇପାରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାରେ ଥିବା ଦୁର୍ବଳ ନଦୀବନ୍ଧଗୁଡ଼ିକ ଶୀଘ୍ର ଚିହ୍ନଟକରି ତାହାର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟାପ୍ରବଣ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନ,ଚୁଡ଼ା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସମ୍ଭାବ୍ୟ ମହାମାରୀକୁ ପ୍ରତିହିତ କରିବା ନିମନ୍ତେ ସିଡିଏମ୍‌ଓଙ୍କ ସହିତ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। କୋଷାଗୁମୁଡ଼ା ବ୍ଲକ ଉକିଆପାଲି ପଞ୍ଚାୟତ ଘାଟବସୁଲିରେ ଏକ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ଏମ୍‌ପିଙ୍କ ପ୍ରତିନିଧି, ବିଧାୟକ, କୋଷାଗୁମୁଡ଼ା ବ୍ଲକ ଅଧକ୍ଷାଙ୍କ ସହିତ ସମସ୍ତ ନିର୍ବାଚିତ ପ୍ରତିନିଧି ଦାବି ଉପସ୍ଥାପନ କରିଥିଲେ। ସମ୍ଭାବ୍ୟ ବର୍ଷା ଓ ବନ୍ୟାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳୀ ଏବଂ ପ୍ରମୁଖ ବିଦ୍ୟାଳୟଗୁଡ଼ିକୁ ପ୍ରସ୍ତୁତ ରଖିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧାବୃଦ୍ଧଙ୍କୁ ଚିହ୍ନଟକରି ଆବଶ୍ୟକ ହେଲେ ସେମାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ଅବଗତ କରାଇଥିଲେ। ବନ୍ୟା ବାତ୍ୟା ପରେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ସଡ଼କ ପରିଷ୍କାର, ଅର୍ଦ୍ଧଭଗ୍ନ ବିଦ୍ୟୁତ୍‌ଖୁଣ୍ଟ ମରାମତି, ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ବିଚ୍ଛିନ୍ନ ହେଲେ କିପରି ତୁରନ୍ତ ମରାମତି କରି ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୌସୁମୀ ବର୍ଷା ଆଗମନ ପୂର୍ବରୁ ଜିଲାରେ ଥିବା ସମସ୍ତ ନାଳନର୍ଦ୍ଦମା ବିଶେଷକରି ପୌରାଞ୍ଚଳରେ ଥିବା ନାଳନର୍ଦ୍ଦମା ସଫା ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ବର୍ଷାଦିନ ପୂର୍ବରୁ ବ୍ଲକରେ ଥିବା ବୃଷ୍ଟି ମାପ ସ୍ଥାନ ଏବଂ ଉପକରଣ ଗୁଡ଼ିକର ଅନୁଧ୍ୟାନ କରିବା ପାଇଁ ଉପଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକ୍ ବୃଷ୍ଟିର ପରିମାଣ ଜିଲା ଜରୁରିକାଳୀନ ଉପବିଭାଗକୁ ପ୍ରେରଣ କରିବା ପାଇଁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା ସମ୍ବନ୍ଧୀୟ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିନିଧି ମାନସ ରଞ୍ଜନ ଦାସ, ସମସ୍ତ ପଞ୍ଚାୟତ ସମିତି ଅଧକ୍ଷା ଅଧକ୍ଷ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତରା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ଜରୁରିକାଳୀନ ଅଧିକାରୀ ନିର୍ମଳ କୁମାର ନାୟକଙ୍କ ସମେତ ଜିଲାସ୍ତରୀୟ ସମସ୍ତ ଅଧିକାରୀ, ବିଡିଓ ଏବଂ ତହସିଲଦାର ଓ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ଓଏଏସ୍ ପାଇଲେ ଓଏଭି ଶିକ୍ଷକ ରାଜେଶ

ଝରିଗାଁ,୧୬।୫ (ସ୍ୱ. ପ୍ର.)



ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କର୍ଷାହାଣ୍ଡ ଗାଁର ରାଜେଶ ସମରଥ ଚଳିତ ବର୍ଷର ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ ଦ୍ୱାରା ଆୟୋଜିତ ଓଏଏସ୍ ପରୀକ୍ଷାରେ ୧୧୬ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ନୀଳାମ୍ବର ପନକା ଓ ଲାବଣ୍ୟବତୀଙ୍କ ପୁଅ ରାଜେଶ ବଟନୀରେ ଏମ୍‌ଏସ୍‌ସି ପରେ ବି.ଏଡ୍. କରି ୨୦୧୭ରୁ ଡାବୁଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଶିକ୍ଷକତା ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଉଦ୍ଦିଷ୍ଟ ପୁସ୍ତକ ପଢ଼ିବାକୁ ସେ ଭଲ ପାଆନ୍ତି। ବିଦ୍ୟାଳୟରେ ପଢ଼ାଇବା ପରେ ନିଜ ପାଠପଢ଼ା ପାଇଁ ପ୍ରତିଦିନ ୪/୫ ଘଣ୍ଟା ପରିଶ୍ରମ କରୁଥିଲେ। ଝରିଗାଁ ଭଳି ଶିକ୍ଷା କ୍ଷେତ୍ରରେ ଅନୁନ୍ନତ ଅଞ୍ଚଳର ଜଣେ ବ୍ୟକ୍ତି ପ୍ରଥମ ଚେଷ୍ଟାରେ ଓଏଏସ୍ ପରୀକ୍ଷାରେ ସଫଳ ହୋଇ ଅଞ୍ଚଳବାସୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତାଙ୍କର ଏହି ସଫଳତା ପାଇଁ ନବରଙ୍ଗପୁର ଜିଲା ମାନିକପୁରୀ ପନକା ସମାଜ, ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ସହ ଝରିଗାଁ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସଫଳତା ପଛରେ କଠିନ ପରିଶ୍ରମ, ମା' ବାପା ଓ ଗୁରୁଜନଙ୍କ ଆଶୀର୍ବାଦ, ପରିବାରର ସହଯୋଗ ରହିଛି ବୋଲି ରାଜେଶ କହିଛନ୍ତି।

# ଡିଏନ୍‌କେ ଡାକବଙ୍ଗଳାରୁ ବାହାରିବେ ବରଯାତ୍ରୀ


ଶୀତଳ ଷଷ୍ଠୀ ପ୍ରସ୍ତୁତି ବୈଠକରେ ମନ୍ଦିର କମିଟି ସଦସ୍ୟ ଓ ଅନ୍ୟମାନେ।

**ଶୀତଳ ଷଷ୍ଠୀ ପ୍ରସ୍ତୁତି ବୈଠକ**

ଉମରକୋଟ, ୧୬।୫(ସ୍ୱ.ପ୍ର.)

ଶୀତଳଷଷ୍ଠୀ ଅବସରରେ ମାନବୀୟ ପାରମ୍ପରିକ ରୀତିନୀତିରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଉମରକୋଟ ଗୁଲିପାଟଣା ସାହିସ୍ଥିତ ବାବା ବୈଦ୍ୟନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୪ ତାରିଖରେ ଚନ୍ଦ୍ରଶେଖର (ଶିବ) ଓ ପାର୍ବତୀଙ୍କ ବିବାହ କରାଯିବ। କମିଟି ସଭାପତି ଜୟଦେବ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବର ମାତାପିତାଭାବେ ସୁଶୀଳା ଶର୍ମା ଓ ମନୋଜ କୁମାର ଶର୍ମା ଦାୟିତ୍ୱ ତୁଲାଇବା ନେଇ ଆଲୋଚନା ହୋଇଛି। ସେହିଭଳି ଦିନେଶ୍ୱରୀ ଶର୍ମା ଓ ମିତ୍ର କୁମାର ଶର୍ମା ମାତା ପାର୍ବତୀଙ୍କ ମାତାପିତା ଭାବେ ଦାୟିତ୍ୱ ତୁଲାଇବେ। ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ରାତ୍ର ୯ଟାରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଲକ୍ଷ୍ମୀ ତ୍ରିପାଠୀ ଓ ପେଣ୍ଡ୍ରା ତ୍ରିପାଠୀ ପୁରୋହିତ କାର୍ଯ୍ୟ କରିବେ। ବୁଧବାର ସନ୍ଧ୍ୟାରେ ଡିଏନ୍‌କେସ୍ଥିତ ଡାକବଙ୍ଗଳାରୁ ଏକ ବିରାଟ ଶୋଭାଯାତ୍ରାରେ ବରଯାତ୍ରୀ ଧରି ବାହାରି ଗୁଲିପାଟଣାସ୍ଥିତ ବାବା ବୈଦ୍ୟନାଥ ମନ୍ଦିରକୁ ଆସିବେ। ସେଠାରେ ଶିବ ଓ ପାର୍ବତୀଙ୍କ ବିବାହ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସମ୍ପାଦକ ଦଣ୍ଡପାଣି ଖାଡାଙ୍ଗା, କୋଷାଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ , ଝାଡ଼େଶ୍ୱର ମହାନ୍ତି, ଶାନ୍ତିଲତା ମହାନ୍ତି , ଟୁଲୁ ସାହୁ, ବାଲାଜି ବେହେରା, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଯତୀନ ପଣ୍ଡା, ତ୍ରିପତି ପଟ୍ଟନାୟକ, ଜୟସିଂ ପାଣ୍ଡେ, ପ୍ରଦ୍ୟୁମ୍ନ ପାଢ଼ୀ, ରାମ ମାନିଆ, ମହେନ୍ଦ୍ର ଦାସ, ବୁନୁ ପଟ୍ଟନାୟକ, ଭୁଲକୁ ଗୌଡ଼, କୁନା ନାୟକ, ସଞ୍ଜୟ ସ୍ୱାଇଁ, ଅମିତ କର୍ମକାର, ଗୋପାଳ ରାଓ, ସଚିନ ସୁବୁଦ୍ଧି, ଶ୍ରୀନିବାସ ରାଓ, ରାକେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିଲେ ବିଡିଓ

ନନ୍ଦାହାଣ୍ଡି,୧୬।୫,(ଡି.ଏନ୍.ଏ.)

ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ପଡ଼ାଲଗୁଡ଼ା ପଞ୍ଚାୟତର ୧୦ ଓ ୧୧ ନଂ. ୱାର୍ଡକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। କିଛି ଜରୁରୀ ସମସ୍ୟାର ସମାଧାନ ଅତି ଶୀଘ୍ର କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ଗତ ସୋମବାର ପଡ଼ାଲଗୁଡ଼ା ପଞ୍ଚାୟତର ନୀଳକଣ୍ଠଗୁଡ଼ା, ଗେଲାଗାଦବାଗୁଡ଼ା ଓ ନୂଆଗୁଡ଼ା ଗ୍ରାମର ଅନେକ ଲୋକ ୱାର୍ଡମେମ୍ବର ଦିବାକର ଜାନିଙ୍କ ନେତୃତ୍ୱରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମର


ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ସୋମବାର ଗାଁ ସମସ୍ୟା ନେଇ ଦାବିପତ୍ର ଦେଇଥିଲେ ଗ୍ରାମବାସୀ**

ବିଭିନ୍ନ ସମସ୍ୟା ଯଥା ରାସ୍ତା ନିର୍ମାଣ, ପୋଖରୀ ଖନନ, ପାନୀୟଜଳ ଯୋଗାଣ, ଭତ୍ତା ବଣ୍ଟନ ଓ ଆଧାର କାର୍ଡ ସମ୍ବନ୍ଧୀୟ ସମସ୍ୟା ନେଇ ବିଡିଓଙ୍କ ନିକଟରେ ଦାବି ଜଣାଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଲୋକଙ୍କ ସମସ୍ୟା ଶୁଣିବା ପରେ ବିଡିଓ ଉକ୍ତ ଗ୍ରାମରେ ପହଞ୍ଚି ସମସ୍ୟା ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିଛନ୍ତି। ବିଡିଓ ନିଜ କଥା ରଖିବା ନେଇ ଆଶା ଅଛି ବୋଲି ଗ୍ରାମବାସୀ କହିଛନ୍ତି।

# ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ଖୋଲିବାକୁ ଦାବି

ଚିତ୍ରକୋଣ୍ଡା,୧୬।୫(ଡି.ଏନ.ଏ.)

ଚିତ୍ରକୋଣ୍ଡାରେ ଏକ ଆହାର କେନ୍ଦ୍ର ଖୋଲିବାକୁ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ଦିନ ଦିନ ବିତି ଯାଇଥିଲେ ମଧ ଏଯାଏ ଏହା ହୋଇପାରିନି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଏନେଇ ବିଧାୟକ ବାକାଙ୍କୁ ପଚାରିବାରୁ ସେ ନିର୍ବାଚନ ଆଚରଣିଧି ଉଠିଗଲା ପରେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଆହାର କେନ୍ଦ୍ର ନିଶ୍ଚିତ କରାଯିବ ବୋଲି କହିଥିଲେ। ମାତ୍ର ଆଉ କିଛି ମାସ ପରେ ତାଙ୍କ କାର୍ଯ୍ୟକାଳ ସରିବ ଅଥଚ ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ପ୍ରତିଷ୍ଠା ହୋଇପାରିଲା ନାହିଁ। ନିକଟରେ ପୁଣି ବାକାଙ୍କୁ ଏବିଷୟରେ ପଚାରିବାରୁ ସେ ସମାନ ଉତ୍ତର ଦେଇ ଏଥିପାଇଁ ଦୁଇ ଥର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା କହିଥିଲେ। ଦୁଃଖର ବିଷୟ ଯେ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ହୋଇ ମଧ ଏଠାରେ ଆହାର କେନ୍ଦ୍ରଟିଏ ଏଯାଏ ଖୋଲିପାରିନାହିଁ। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତର ଜନସାଧାରଣ ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ବ୍ଲକସେବା, ବ୍ୟାଙ୍କ ସେବା, ଥାନା କାର୍ଯ୍ୟ, ଡାକ ସେବା, ବ୍ୟବସାୟ, ପ୍ରାଣୀଚିକିତ୍ସା ଏଭଳି ବହୁ କାର୍ଯ୍ୟ ପାଇଁ ଚିତ୍ରକୋଣ୍ଡା ସଦର ଉପରେ ନିର୍ଭର କରନ୍ତି। ବହୁ ଗରିବ ଲୋକ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟରେ ବିଭିନ୍ନ ପଞ୍ଚାୟତରୁ ଚିତ୍ରକୋଣ୍ଡାକୁ ଆସୁଥିଲେ ମଧ ଆହାର କେନ୍ଦ୍ରଟିଏ ନ ଥିବାରୁ କମ୍ ଟଙ୍କାରେ ଖାଦ୍ୟ ଖାଇବା ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ଏଠାରେ ଏକ ଆହାରକେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ମଶାରି ବ୍ୟବହାର ଉପରେ ଗୁରୁତ୍ୱ

**ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ସଚେତନତା ଶିବିର**

ରାଇଘର, ୧୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଏକ ଡେଙ୍ଗୁ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରୂପେନ୍ କୁମାର ଏହି ଶିବିରରେ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ବିଜୟ କୁମାର ସେଠୀ, ବିଇଓ ଈଶ୍ୱର ଚନ୍ଦ୍ର ମାଝି, ଶିଶୁ ବିକାଶ ସୁପରଭାଇଜର ଏବଂ ରାଇଘର ଆଶାକର୍ମୀ ଉପସ୍ଥିତ ରହିଥିଲେ। ମ୍ୟାଲେରିଆ ସୁପରଭାଇଜର ସୁନୀଲ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଡେଙ୍ଗୁର କାରଣ, ଏଥିରୁ ରକ୍ଷା ପାଇଁ କ'ଣ କ'ଣ ପଦକ୍ଷେପ ନେବାକୁ ପଡ଼ିବ ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଛି। ମଶାରି ବ୍ୟବହାର, କୌଣସି ସ୍ଥାନରେ ଯେପରି ପାଣି ଜମି ନ ରୁହେ ସେ ବିଷୟରେ ସମସ୍ତଙ୍କୁ ଜଣାଇବା ପାଇଁ ଶିବିରରେ ନିଷ୍ପତ୍ତି ନିଆଯାଇଛି। ବୈଠକର ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନୀଳମାଧବ ମିଶ୍ର, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଏମ୍ . ଆର୍. କେ. ରାଜୁ, ହାରାଧନ ସରକାର, ଟିବି ସୁପର୍ ଭାଇଜର ନିରାକାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନୀଲ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଆଲୋଚନା ଚାଲିଛି।

# ପଛୁଆବର୍ଗର ସାମାଜିକ, ଅର୍ଥନୈତିକ ସର୍ଭେ ନେଇ ସଚେତନତା

ଜୟପୁର, ୧୬।୫ (ନି.ପ୍ର.)

ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ଗତ ୧ ତାରିଖରୁ ଆରମ୍ଭ ହୋଇଛି। ଏହା ୨୭ ତାରିଖ ଯାଏ ଚାଲିବ। ଏଥିପାଇଁ ଜୟପୁର ପୌରାଞ୍ଚଳରେ ୯ଟି ସେଣ୍ଟର କରାଯାଇଥିବା ବେଳେ ଜୟପୁର ବ୍ଲକ ୯୩ଟି ସେଣ୍ଟର କରାଯାଇଛି। ବିଡିଓ ରାଜୀବ ଦାସ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ତତ୍ତ୍ୱାବଧାନରେ ସର୍ଭେ ଜାରି ରହିଛି । ଅଙ୍ଗନୱାଡ଼ି କର୍ମୀ, ଆଇସିଡିଏସ୍ ସୁପରଭାଇଜର, ପୌର କର୍ମଚାରୀ ଗଣନାକାରୀ ଓ ପରିଦର୍ଶକ ଭାବେ ନିୟୋଜିତ ହୋଇଛନ୍ତି। ଏନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରୁ ସଚେତନତା ରଥ ବାହାରି ଗ୍ରାମ ପରିକ୍ରମା କରି ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛି । ପଛୁଆ ବର୍ଗ ପରିବାରର ଯେ କୌଣସି ବ୍ୟକ୍ତି ଯାଇ ସେଣ୍ଟରରେ ପରିବାର ସମସ୍ତଙ୍କ ତଥ୍ୟ ପ୍ରଦାନ କରି ପାରିବେ ବୋଲି ଅବଗତ କରାଯାଉଛି।

# ବିଶ୍ୱ ହିନ୍ଦୁ ପରିଷଦର ବୈଠକ

ନବରଙ୍ଗପୁର,୧୬।୫(ବି.ପ୍ର.)

ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତୀୟ ପ୍ରଶିକ୍ଷଣ ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ ନବରଙ୍ଗପୁର ବୈଭବ କଲ୍ୟାଣ ମଣ୍ଡପରେ ୧୪ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାଧ୍ୟକ୍ଷ କୃପାରାମ ସାହୁଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ଉମରକୋଟ ସରସ୍ୱତୀ ଶିଶୁ ମନ୍ଦିରରେ ଚଳିତ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବ ବର୍ଗ ବିଷୟରେ ସୂଚନା ଦିଆଯାଇଥିଲା। ମାର୍ଗଦର୍ଶକ ସୁଦର୍ଶନ ଦାସ ବର୍ଗର ରୂପରେଖ ବତାଇଥିଲେ। ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ସହଯୋଗ ଆଦି ନେଇ ଅନୁରୋଧ କରିଥିଲେ। ଉପସଭାପତି ସୁନୀଲ ବେହେରା ସତ୍‌ସଙ୍ଗ ଓ ଗୋ ଭକ୍ତି ସକାଶେ ଆଗ୍ରହୀ ହିତୈଷୀଙ୍କୁ ବର୍ଗରେ ଯୋଗଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମାତୃଶକ୍ତି ପ୍ରମୁଖ ଶଶିରେଖା ପଟ୍ଟନାୟକ, ବବିତା ସାହୁ, ଅମ୍ବିକା ପ୍ରଧାନଙ୍କ ସହ ଈଶ୍ୱର ରାଓ, ଦୁର୍ଗାମାଧବ ରଥ, ଜିଲା ଉପସଭାପତି ଆନନ୍ଦ ରାଓ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ସରିଲା ମା' ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା

ଡାବୁଗାଁ, ୧୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ପଞ୍ଚାୟତ ଅଧୀନ ସରାଗୁଡ଼ା ଗ୍ରାମରେ ମଙ୍ଗଳବାର ମହା ସମାରୋହରେ ମା' ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆଖପାଖ ଗ୍ରାମର ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଛି ଗ୍ରାମ ପରିକ୍ରମାକରି ଠାକୁରାଣୀଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ଜଗଦୀଶ ପୂଜାରୀ ପୂଜାର୍ଚ୍ଚନା କରିଥିଲେ। ପୂଜାରୀ, ଶିରା ମାନେ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମାପନ କରିଥିଲେ। ଯାତ୍ରା ପଡ଼ିଆରେ ବହୁ ଉଠାଦୋକାନୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରାତିରେ କୋରାପୁଟ ଜିଲା କଟରିଗୁଡ଼ା ଗ୍ରାମର ମା ତାରେଣୀ ନାଟ୍ୟ ସଂଘ ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା। ଉକ୍ତ ଯାତ୍ରା କମିଟି ମଧ୍ୟରେ କପୁର ଚନ୍ଦ୍ର ମାଝି, ଲାଇବନ ଭତ୍ରା, ଚୈତନ୍ୟ ଭତ୍ରା, ଚନ୍ଦ୍ର ଭତ୍ରା, ଶୁକଦେବ ଭତ୍ରା, କୈଳାସ ମାଝି, ସଦା ଭତ୍ରା, ଅଭି ଭତ୍ରା, ନରହରି ପୂଜାରୀ, ସନାଧର ଭତ୍ରା, ନରସିଂ ଭତ୍ରା, ଗୁରୁବାରୁ ଭତ୍ରା, ଭଇସୁ ଗୌଡ଼ ପ୍ରମୁଖଙ୍କ ସହ ଗ୍ରାମର ଭଦ୍ର ବ୍ୟକ୍ତିମାନେ ସହଯୋଗ କରିଥିଲେ। ଉକ୍ତ ଯାତ୍ରା ପ୍ରତି ବର୍ଷ ସରାଗୁଡ଼ା, ଝାଲିଆଗୁଡ଼ା ଓ କେନ୍ଦୁଗୁଡ଼ା ଗ୍ରାମବାସୀ ମିଳିମିଶି କରନ୍ତି।


ଦେବଦେବୀଙ୍କ ଲାଠି, କୁର୍ଛି ଗ୍ରାମ ପରିକ୍ରମା କରୁଛନ୍ତି।

